# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 1 September – 2026

************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ଦୁଇଦିନିଆ ଶିଖର ସମ୍ମିଳନୀ ଆଜିଠାରୁ ଆରମ୍ଭ

– ଆସନ୍ତାକାଲି ଉଦ୍‌ଯାପନୀ ଅଧିବେଶନରେ ଯୋଗଦେବେ ପ୍ରଧାନମନ୍ତ୍ରୀ

- ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ବିଦେଶ ପଠାଇବେ ରାଜ୍ୟ ସରକାର

- ଘରୋଇ ବଜାରରେ ଚିନିର ପର୍ଯ୍ୟାପ୍ତ ଉପଲବ୍ଧତା ଏବଂ କଳାବଜାରୀ ରୋକିବା ପାଇଁ ମହଜୁଦ ପରିମାଣ ସୀମା ୨ ହଜାର କୁଇଣ୍ଟାଲକୁ ହ୍ରାସ

ଏବଂ

- ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ରାହୁ ରେଖା ଲାଗି ନୀତି ପାଇଁ ଆସନ୍ତାକାଲି ସାଢ଼େ ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

Desk

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ନୂଆଦିଲ୍ଲୀରେ ୨ ଦିନିଆ ଶିଖର ସମ୍ମିଳନୀ ଆରମ୍ଭ ହୋଇଛି। ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷାକରି ସହଯୋଗ ଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରାଯାଉଛି। ଏଥିରେ ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାନ୍ୱୟନ ଏବଂ ଜନଭାଗିଦାରିତା ଉପରେ ବିଶେଷଜ୍ଞମାନେ ଆଲୋକପାତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ସମ୍ମିଳନୀକୁ ସମ୍ବୋଧିତ କରିବେ। ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ କେନ୍ଦ୍ର ଓ ରାଜ୍ୟ ମଧରେ ସହଯୋଗ ମାଧମରେ ସାମୂହିକ ଦାୟିତ୍ୱବୋଧ ବିକାଶ କରିବା ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିଲ୍ଲୀ ଗସ୍ତ କରିଛନ୍ତି। ଏଥିରେ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଛନ୍ତି।

Desk

## ବିଦେଶ ଶିକ୍ଷାବୃତ୍ତି ଯୋଜନା

ବିଦେଶ ଶିକ୍ଷାବୃତ୍ତି ଯୋଜନାରେ ରାଜ୍ୟର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ସରକାର ଦେଶ ବାହାରକୁ ପଠାଇବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ବିଦେଶର ଶ୍ରେଷ୍ଠ ୨୦୦ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ତଥା

ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓ ପିଏଚ୍.ଡି ପାଠ୍ୟକ୍ରମ ଅଧ୍ୟୟନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପଠାଯିବ।ବାର୍ଷିକ ପରିବାର ଆୟ ୧୨ ଲକ୍ଷ ପର୍ଯ୍ୟନ୍ତ ଥିବା ଛାତ୍ରଛାତ୍ରୀ ଏହି ସୁବିଧା ପାଇବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି। ଯୋଜନା ଅଧୀନରେ ୫୦ ଜଣ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯିବ। ୨୦୨୫-୨୬ ଓ ୨୬-୨୭ ଶିକ୍ଷାବର୍ଷ ନିମନ୍ତେ ଏହି ଛାତ୍ରବୃତ୍ତି ପାଇବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ www.sacholarship.odisha.gov.in ମାଧ୍ୟମରେ ଆବେଦନ କରିପାରିବେ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଆବେଦନର ଶେଷ ତାରିଖକୁ ବୃଦ୍ଧି କରାଯାଇଛି।

English Pool

## ଚିନି ଗଚ୍ଛିତ

ଘରୋଇ ବଜାରରେ ଚିନିର ପର୍ଯ୍ୟାପ୍ତ ଉପଲବ୍ଧତା ଏବଂ କଳାବଜାରୀ ରୋକିବା ପାଇଁ କେନ୍ଦ୍ର ସରକାର ଚିନି ବ୍ୟବସାୟୀଙ୍କ ମହଜୁଦ ପରିମାଣ ସୀମାକୁ ୪ ହଜାର କୁଇଣ୍ଟାଲ୍‌ରୁ ୨ ହଜାର କୁଇଣ୍ଟାଲକୁ ହ୍ରାସ କରିଛନ୍ତି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ’ ବ୍ୟବସାୟୀ ୩୦ ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଚିନି ମହଜୁଦ କରି ରଖିପାରିବେ ନାହିଁ। ମୂଲ୍ୟରେ ସ୍ଥିରତା ନିଶ୍ଚିତ କରିବା ଓ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୫ ତାରିଖରୁ ଏହି ବ୍ୟବସ୍ଥା ଲାଗୁ ହୋଇ ନଭେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

English Pool

# ପିଆଜ ଗଚ୍ଛିତ

ଦେଶରେ ପର୍ଯ୍ୟାପ୍ତ ପରିମାଣର ପିଆଜ ମହଜୁଦ ରହିବା ସହ ଋତୁ କାଳୀନ ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ  ବଫର୍ ଷ୍ଟକସ୍‌ର ଯୋଜନାବଦ୍ଧ ଆବଣ୍ଟନ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ବଜାର ସ୍ଥିତି ଓ ମୂଲ୍ୟକୁ ଦୃଷ୍ଟିରେ ରଖି ପ୍ରାୟ ୧ ହଜାର ମେଟ୍ରିକ୍ ଟନ୍ ପିଆଜ ସଡ଼କପଥରେ ପରିବହନ କରାଯାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଖାଉଟିଙ୍କ ପାଇଁ ପର୍ଯ୍ୟାପ୍ତ ଓ ସୁଲଭ ମୂଲ୍ୟରେ ପିଆଜ ଉପଲବ୍ଧତା ସୁନିଶ୍ଚିତ କରିବା ସହ ପିଆଜ ଚାଷୀମାନଙ୍କୁ ସହାୟତା କରିବା ପାଇଁ ସରକାର ପ୍ରତିବଦ୍ଧ।

Ganjam

# କଳାକାର ଦଳ ଦିଲ୍ଲୀ ଗସ୍ତ

ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ନେତୃତ୍ୱରେ ଜିଲ୍ଲାର ୯୧ ଜଣିଆ କଳାକାର ପ୍ରତିନିଧି ଦଳ ଆଜି ଦିଲ୍ଲୀରେ  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରତିନିଧି ଦଳରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ସଂସ୍କୃତି ଅଧିକାରୀଙ୍କ ସମେତ ୫ଟି ଆଦିବାସୀ ନୃତ୍ୟ ଦଳର କଳାକାରମାନେ ଉପସ୍ଥିତ ଥିଲେ। ସାକ୍ଷାତ ସମୟରେ କଳାକାରଙ୍କ ସହ ଭାବବିନିମୟ କରି ରାଷ୍ଟ୍ରପତି କହିଛନ୍ତି, ପୂର୍ବପୁରୁଷମାନଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ସମସ୍ତଙ୍କ ଦାୟିତ୍ୱ। ଯୁବ

କଳାକାରମାନଙ୍କୁ ନିଜ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୪ ତାରିଖରେ ଗଞ୍ଜାମ ଜିଲ୍ଲାର ତପ୍ତପାଣି ଗସ୍ତରେ ଆସି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜିଲ୍ଲାର ବିଭିନ୍ନ ଲୋକନୃତ୍ୟ ଓ ପାରମ୍ପରିକ କଳାକୁ ପ୍ରଶଂସା କରିବା ସହ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରଣ କରିଥିଲେ।

Puri

## ରାହୁରେଖା ଲାଗି ନୀତି

ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାହୁ ରେଖା ଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ସ୍ୱତନ୍ତ୍ର ନୀତି କରାଯିବ। ଏ ନେଇ ଆସନ୍ତାକାଲି ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ଆଜି ମଧ୍ୟ ଜାରି ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ଗଣତି କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଗଣତି ମଣତି ସମ୍ପର୍କରେ ରତ୍ନଭଣ୍ଡାର କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି...

**- V/O -**

I&PR

## ଶକ୍ତି ସମ୍ମିଳନୀ

ଜାତୀୟ ମହିଳା କମିଶନ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆଜିଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ପ୍ରଥମ ଶକ୍ତି ସମ୍ମିଳନୀ ରାଜ୍ୟ ଡବ୍ଲୁସିଡି ନେତୃତ୍ୱ ସମ୍ମିଳନୀ ଆୟୋଜିତ ହେଉଛି । ଏଥିରେ 'ସମନ୍ୱୟ, ସମ୍ବାଦ, ସଂକଳ୍ପ ଓ ସମାଧାନ' ଶୀର୍ଷକକୁ ନେଇ ବିଭିନ୍ନ ଆଲୋଚନା ପର୍ଯ୍ୟାୟରେ ୨୫ଟି ରାଜ୍ୟର ଅଂଶୀଦାରମାନେ ଭାଗ ନେଇଛନ୍ତି ।

Kendrapada/Dhenkanal

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆସନ୍ତାକାଲି ଢେଙ୍କାନାଳ ଜିଲ୍ଲାରୁ ବରିଷ୍ଠ ନାଗରିକମାନେ ବାରଣାସୀ–ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ସମସ୍ତ ତୀର୍ଥଯାତ୍ରୀଙ୍କ ମଙ୍ଗଳମୟ ଯାତ୍ରା ପାଇଁ କାମନା କରିଥିଲେ । ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରେ ପହଁଞ୍ଚିବାବେଳେ ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବାରଣାସୀ ଗସ୍ତ କରିବେ ।

କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଯୋଜନା ଅଧୀନରେ ୧୦୮ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରିବେ । ଏ ନେଇ ଆଜି ଜିଲ୍ଲା ସଂସ୍କୃତି ଭବନରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ।

Balangir

# ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ବଲାଙ୍ଗୀର ଜିଲ୍ଲା ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। ଶିକ୍ଷାର ବିକାଶ କ୍ଷେତ୍ରରେ ଏହି ବିଦ୍ୟାଳୟକୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏହି ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା ଓ ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁ ବୋଲି ଉପମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

Kalahandi

# ମା’ ମାଣିକେଶ୍ୱରୀ ପ୍ରତିଷ୍ଠା ଦିବସ

କଳାହାଣ୍ଡି ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସାଂସଦ ମାଳବିକା ଦେବୀ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାର ସ୍ଥାନୀୟ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱରୋପ କରିଥିଲେ। ବସୁଧୈବ କୁଟୁମ୍ବକମ୍ ଏବଂ ସବୁ ଧର୍ମ, ଜାତି, ଭାଷାକୁ ଏକାଠି ନେଇ ଚାଲିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

Kendrapada

# ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଜିଲ୍ଲାର ବାରୋସ୍ଥିତ ମିଶନଶକ୍ତି ସମ୍ମିଳନୀ କକ୍ଷରେ ପିଏମ୍ ବିଶ୍ୱକର୍ମା ଯୋଜନା, ଇ-କମର୍ସ ଓ ମାର୍କେଟିଂ ରଣନୀତି ଉପରେ

ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍.ଏସ୍.ଏମ୍.ଇ. ଡିଏଫ୍‌ଓ କଟକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥିଭାବେ ଯୋଗଦେଇ କାରିଗର ଓ ଉଦ୍ୟୋଗୀମାନେ ନିଜ ଦକ୍ଷତା ଓ ଉତ୍ପାଦକୁ ଆଧୁନିକ ବଜାର ସହ ଯୋଡ଼ିବା ସହିତ ଡିଜିଟାଲ ମାଧ୍ୟମ ଓ ଇ-କମର୍ସର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଉଦ୍ୟମିତାର ବିକାଶ ଓ ନୂତନ ବଜାର ସୁଯୋଗ ସଦୁପଯୋଗ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଏମ୍.ଏସ୍.ଏମ୍.ଇ ଡିଏଫ୍‌ଓ କଟକର ଯୁଗ୍ମ ନିର୍ଦ୍ଦେଶିକାଙ୍କ ସମେତ ଜିଲ୍ଲା ପ୍ରକଳ୍ପ କେନ୍ଦ୍ର ଅଧିକାରୀ ଏବଂ ମାଷ୍ଟର ଟ୍ରେନ୍‌ର ମାନେ ଉପସ୍ଥିତ ଥିଲେ।

Bhadrak

## ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ

ଭଦ୍ରକ ସହରରେ ଅପମିଶ୍ରିତ ଖାଦ୍ୟକୁ ନେଇ ଖାଦ୍ୟ ନିରାପତ୍ତା ବିଭାଗ, ପୌର ପ୍ରଶାସନର ଏନଫୋର୍ସମେଣ୍ଟ ଟିମ୍ ଓ ପୁଲିସ ପ୍ରଶାସନ ପକ୍ଷରୁ ଆଜି ସହରର ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ଢାବା ଏବଂ ଜଳଖିଆ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଚଢ଼ଉ ସମୟରେ ଅର୍ଥ ଜରିମାନା ଆଦାୟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

Nuapada

## କୃଷି ମରୁଡ଼ି ପ୍ରଶମନ

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଲସିପାଣି ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ରଠାରେ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶା କୃଷି

ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ ମାଧ୍ୟମରେ ଗୁଣାତ୍ମକ ଧାନ ବିହନ ଉତ୍ପାଦନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନୀ ଏବଂ ବରିଷ୍ଠ କୃଷି ଅଧିକାରୀ ଯୋଗଦେଇ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଆଗାମୀ ଦିନରେ ଗୁଣାତ୍ମକ ଧାନ ବିହନ ଉତ୍ପାଦନ କରିବା ଉପରେ ତାଲିମ ଦେଇଥିଲେ।

Desk

## ବାୟୋ ମାଇନିଂ ପ୍ରକଳ୍ପ

ରାୟଗଡ଼ା ସହରକୁ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ କରିବା ଲକ୍ଷ୍ୟରେ ପୌରପରିଷଦ ପକ୍ଷରୁ ମା' ମଝିଘରିଆଣୀଙ୍କ ମନ୍ଦିର ନିକଟସ୍ଥ ପୁରୁଣା ଡମ୍ପିୟାର୍ଡରେ ଜମା ହୋଇ ରହିଥିବା ଆବର୍ଜନାକୁ (ଲିଗାସି ୱେଷ୍ଟ)ର ବାୟୋ-ମାଇନିଂ ପ୍ରକଳ୍ପକୁ ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏହି ବାୟୋ-ମାଇନିଂ ପ୍ରକ୍ରିୟା ଦ୍ୱାରା ବର୍ଷ ବର୍ଷ ଧରି ଜମା ହୋଇ ରହିଥିବା ଆବର୍ଜନାର ବୈଜ୍ଞାନିକ ପଦ୍ଧତିରେ ପୃଥକୀକରଣ ଏବଂ ପୁନଃଚକ୍ରଣ କରାଯାଇ ସମ୍ପୃକ୍ତ ଜମିକୁ ଆବର୍ଜନାମୁକ୍ତ କରାଯିବ ବୋଲି ସେ କହିଥିଲେ। ଏହି ପ୍ରକ୍ରିୟାରେ ପ୍ରାୟ ୬ ହଜାର ମେଟ୍ରିକ ଟନ୍ ପୁରୁଣା ଆର୍ବଜନା ପରିଚାଳନା କରାଯିବ।

Desk

# ପାଣିପାଗ

ଉତ୍ତର-ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡ଼ିଶା ତଥା ଉତ୍ତର ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ

ଅତିପ୍ରବଳ ବର୍ଷା ହେବା ନେଇ ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।